# Fourth Round of Foreign Office Consultations between India and Tunisia

April 30, 2021

## ଭାରତ ଏବଂ ଟ୍ୟୁନିସିଆ ମଧ୍ୟରେ ଚତୁର୍ଥ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ଏପ୍ରିଲ 30, 2021**

ଭାରତ-ଟ୍ୟୁନିସିଆ ମଧ୍ୟରେ ଚତୁର୍ଥ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ 30 ଏପ୍ରିଲ 2021ରେ ଭର୍ଚୁଆଲ ଉପାୟରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ସଞ୍ଜୟ ଭଟ୍ଟାଚାର୍ଯ୍ୟ (ସିପିଭି ଏବଂ ଓଆଇଏ ବିଭାଗର ସଚିବ) ନେଇଥିବାବେଳେ ଟ୍ୟୁନିସିଆ ପ୍ରତିନିଧି ଦଳର ନେତୃତ୍ୱ ରାଷ୍ଟ୍ର ସଚିବ ଶ୍ରୀ ମହମ୍ମଦ ଅଲି ନାଫ୍ଟି ନେଇଥିଲେ। ଏହି ବୈଠକରେ ଉଭୟ ଦେଶର ରାଷ୍ଟ୍ରଦୂତଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।

ଉଭୟ ପକ୍ଷ ଉଷ୍ମ ଏବଂ ବନ୍ଧୁତ୍ୱପୂର୍ଣ୍ଣ ପାରମ୍ପାରିକ ସମ୍ପର୍କକୁ ଉଲ୍ଲେଖ କରିଥିଲେ ଏବଂ ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ, ବାଣିଜ୍ୟ ଏବଂ କନସୁଲାର ସମେତ ସମସ୍ତ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କର ସ୍ଥିତିକୁ ବିସ୍ତୃତ ଭାବରେ ସମୀକ୍ଷା କରିଥିଲେ। ଏହି ବୈଠକରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ଏବଂ ଦ୍ୱିପାକ୍ଷିକ ସହଯୋଗର ଅଭିବୃଦ୍ଧିର ଭବିଷ୍ୟତ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। 2021-2022 ମସିହାରେ ଭାରତୀୟ ସ୍ୱାଧୀନତାର 75 ବର୍ଷ ପାଳନ ପାଇଁ ଟ୍ୟୁନିସିଆ ପକ୍ଷ ସେମାନଙ୍କ ଖୁସି ଏବଂ ସମର୍ଥନ ଜଣାଇଛନ୍ତି। ଆନ୍ତର୍ଜାତୀୟ ସୌର ମେଣ୍ଟରେ ଯୋଗଦେବା ପାଇଁ ଟ୍ୟୁନିସିଆର ନିଷ୍ପତ୍ତିକୁ ଭାରତୀୟ ଦଳ ସ୍ୱାଗତ କରିଛି।

ଅର୍ଥନୈତିକ ଏବଂ ପ୍ରଯୁକ୍ତିବିଦ୍ୟା ଭାଗିଦାରୀକୁ ବିସ୍ତାର କରିବାର ଗୁରୁତ୍ୱକୁ ଉଭୟ ପକ୍ଷ ଉଲ୍ଲେଖ କରିଥିଲେ। ବାଣିଜ୍ୟ ପରିମାଣର ସ୍ଥାୟୀ ସମ୍ପ୍ରସାରଣ ପାଇଁ ସେମାନେ ଆହ୍ୱାନ ଦେଇଥିଲେ। ବିଶେଷକରି ଅକ୍ଷୟ ଶକ୍ତି, ଭିତ୍ତିଭୂମି, ପରିବହନ ଏବଂ ଯାନବାହାନ, ବୟନଶିଳ୍ପ, କୃଷି, ଔଷଧ ଏବଂ ଫାର୍ମାସ୍ୟୁଟିକାଲ୍ସ, ସ୍ୱାସ୍ଥ୍ୟସେବା, ସୂଚନା ଓ ସଂଚାର ପ୍ରଯୁକ୍ତିବିଦ୍ୟା, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଶକ୍ତି କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ସୁଯୋଗ ବିଷୟରେ ସେମାନେ ଉଲ୍ଲେଖ କରିଥିଲେ। ପାରସ୍ପରିକ ଲାଭ ପାଇଁ ବ୍ୟବସାୟୀ ସମୁଦାୟକୁ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ସେମାନେ ଅନୁରୋଧ କରିଥିଲେ।

କୋଭିଡ-19 ମହାମାରୀର ପ୍ରଭାବକୁ ହ୍ରାସ କରିବା ପାଇଁ ଉଭୟ ପକ୍ଷ ଆଲୋଚନା କରିଥିଲେ ଏବଂ କୋଭିଡ-19 ସମ୍ବନ୍ଧୀୟ ପ୍ରସଙ୍ଗରେ ସହଯୋଗକୁ ଉଲ୍ଲେଖ କରି ପ୍ରଶଂସା କରିଥିଲେ।

ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟ ଭାବରେ ସେମାନେ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗରେ ମଧ୍ୟ ମତ ବିନିମୟ କରିଥିଲେ।

ନିୟମିତ ଗସ୍ତ ଏବଂ ବିଚାର ବିମର୍ଷ ମାଧ୍ୟମରେ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତିମୂଳକ ଗତି ଜାରି ରଖିବାର ଗୁରୁତ୍ୱ ଉପରେ ଉଭୟ ପକ୍ଷ ସହମତ ହୋଇଥିଲେ ଏବଂ ପାରସ୍ପରିକ ସୁବିଧାଜନକ ଦିନରେ ନୂଆଦିଲ୍ଲୀଠାରେ ପରବର୍ତ୍ତୀ ମନ୍ତ୍ରୀସ୍ତରୀୟ ମିଳିତ ଆୟୋଗର ବୈଠକ କରିବାକୁ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**
**ଏପ୍ରିଲ 30, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.